# NATIONAL NEWS BULLETIN (ODIA)
## 29 November - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ କରିବେ ଭାବ ବିନିମୟ ।

- ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଗୁଜରାଟରେ ପ୍ରକଳ୍ପ ନିମନ୍ତେ ୮୦୦ ମିଲିୟନ୍ ଆମେରିକୀୟ ଡଲାର୍‌ର ଋଣ ବୁଝାମଣା ସ୍ୱାକ୍ଷର ।

- ଦକ୍ଷିଣ-ପୂର୍ବ ଏସିଆରେ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ମୃତ୍ୟୁ ସଂଖ୍ୟା ୩୫୦କୁ ବୃଦ୍ଧି ।

ଏବଂ

- ସୁଲତାନ୍ ଆଜଲାନ୍ ଶାହା ହକି ଟୁର୍ଣ୍ଣାମେଣ୍ଟରେ କାନାଡ଼ାକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶକଲା ଭାରତ ।

# ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୮ତମ ସଂସ୍କରଣ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

# ଗଭ୍-ଏଡିବି

ସରକାର ଏବଂ ଏସୀୟ ଉନ୍ନୟନ ବ୍ୟାଙ୍କ୍ ଏ.ଡି.ବି.’ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ଗୁଜରାଟରେ ପ୍ରକଳ୍ପ ନିମନ୍ତେ ୮୦୦ ମିଲିୟନ୍ ଆମେରିକୀୟ ଡଲାର୍‌ର ତିନୋଟି ଋଣ ବୁଝାମଣା ସ୍ୱାକ୍ଷର କରିଛନ୍ତି । କୃଷି ସୌର ଶକ୍ତି ନିମନ୍ତେ ମହାରାଷ୍ଟ୍ର ବିଦ୍ୟୁତ୍ ଶକ୍ତି ବଣ୍ଟନ କାର୍ଯ୍ୟକ୍ରମ ଲାଗି

୫୦୦ ନିୟୁତ ଆମେରିକୀୟ ଡଲାର୍, ଇନ୍ଦୋର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ୧୯୦ ନିୟୁତରୁ ଊର୍ଦ୍ଧ୍ୱ ଆମେରିକୀୟ ଡଲାର୍, ଗୁଜରାଟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ୧୧୦ ମିଲିୟନ୍ ଆମେରିକୀୟ ଡଲାର୍‌ର ଋଣ ବୁଝାମଣା କରାଯାଇଛି ।

ଅର୍ଥନୈତିକ ବ୍ୟାପାର ବିଭାଗର ଉପସଚିବ ସୌରଭ ସିଂହ ଏବଂ ଏ.ଡି.ବି. ପକ୍ଷରୁ ଭାରତ ଆବାସିକ ମିଶନ୍‌ର ନିର୍ଦ୍ଦେଶକ ମିଓ ଓକା ଏହି ବୁଝାମଣାରେ ସ୍ୱାକ୍ଷର କରିଛନ୍ତି । ମହାରାଷ୍ଟ୍ରରେ ଏ.ଡି.ବି. ସମର୍ଥିତ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ ଶକ୍ତି ଭିତ୍ତିଭୂମିର ଆଧୁନିକୀକରଣ, ନବୀକରଣ ଶକ୍ତି ସଞ୍ଚାରଣ ଏବଂ ବଣ୍ଟନ କାର୍ଯ୍ୟର ତ୍ୱରାନ୍ୱିତ ଏବଂ କୃଷି ଉତ୍ପାଦକତାର ଉନ୍ନତି ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ଇନ୍ଦୋର ମେଟ୍ରୋ ପ୍ରକଳ୍ପ ମାଧ୍ୟମରେ ୭ଟି ଷ୍ଟେସନ୍ ସହିତ ୮ ଦଶମିକ୍ ୬/୨ କିଲୋମିଟର ଭୂତଳ ମେଟ୍ରୋ ଟ୍ରେନ୍ ଚଳାଚଳ ନିର୍ମାଣ କାର୍ଯ୍ୟ ପାଇଁ ସହାୟତା ପ୍ରଦାନ କରାଯିବ । ଫଳରେ ବିମାନ ବନ୍ଦର ସହ ଇନ୍ଦୋର ଅଧିକାଂଶ ଅଞ୍ଚଳକୁ ସଂଯୋଗ ସ୍ଥାପନ ହୋଇପାରିବ ।

ସେହିପରି ଗୁଜରାଟର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ଦକ୍ଷତା ବିକାଶ କରାଯିବା ସହ ଉଚ୍ଚ ଅଭିବୃଦ୍ଧି ସମ୍ପନ୍ନ କ୍ଷେତ୍ର ଗୁଡ଼ିକରେ କର୍ମ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ପାରିବ ।

# ଇସିଆଇ-ଆପ୍

ନିର୍ବାଚନ ଆୟୋଗ ପକ୍ଷରୁ ସମସ୍ତ ନାଗରିକଙ୍କୁ ଇ.ସି.ଆଇ. ନେଟ୍ ଆପ୍ ଡାଉନ୍‌ଲୋଡ୍ କରିବା ପାଇଁ କୁହାଯାଇଛି । ଏହି ଆପ୍‌କୁ ବ୍ୟବହାରି ଅନୁକୂଳ କରିବା ନିମନ୍ତେ ଜନସାଧାରଣଙ୍କ ଠାରୁ ମତାମତ ସଂଗ୍ରହ କରାଯିବ । ନାଗରିକମାନେ ଏହି ଆପ୍‌ରେ 'ସମିଟ୍ ଏ ସଜେସନ୍' ଟ୍ୟାବ୍ ଆସନ୍ତାମାସ ୨୭ ତାରିଖ ପର୍ଯ୍ୟନ୍ତ ବ୍ୟବହାର କରି ମତାମତ ଦେଇପାରିବେ । ଆୟୋଗ ପକ୍ଷରୁ ମତାମତଗୁଡ଼ିକୁ ପରୀକ୍ଷା ନିରୀକ୍ଷା କରାଯାଇ ପ୍ଲାଟ୍‌ଫର୍ମକୁ ଅଧିକ ଜନଉପଯୋଗୀ କରାଯିବା ଲାଗି ଲକ୍ଷ୍ୟ ରଖାଯାଇଛି । ୨୦୨୬ ମସିହା ଜାନୁଆରୀ ମାସରେ ଇ.ସି.ଆଇ. ନେଟ୍ ପ୍ଲାଟ୍‌ଫର୍ମ ସରକାରୀ ଭାବେ ଶୁଭାରମ୍ଭ କରାଯିବାର ଯୋଜନା ରଖାଯାଇଛି ।

ବିହାର ବିଧାନସଭା ନିର୍ବାଚନ ୨୦୨୫ ଏବଂ ଉପନିର୍ବାଚନ ସମୟରେ ଏହି ଇ.ସି.ଆଇ. ନେଟ୍ ଆପ୍‌କୁ ପରୀକ୍ଷା ମୂଳକ ଭାବେ ବ୍ୟବହାର କରାଯାଇଥିଲା । ଇ.ସି.ଆଇ. ନେଟ୍ ଆପ୍ ହେଉଛି, ଏକକ, ୪୦ଟି ସ୍ୱତନ୍ତ୍ର ନିର୍ବାଚନ ସମ୍ପର୍କିତ ଆପ୍ଲିକେସନ୍ ଏବଂ ୱେବ୍‌ସାଇଟ୍‌ର ଏକ ସମନ୍ୱିତ ଆପ୍ ଅଟେ ।

# ଇସି-ଏସ୍ଆଇଆର୍

ନିର୍ବାଚନ ଆୟୋଗ ପକ୍ଷରୁ ଆଜି କୁହାଯାଇଛି, ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ ହେବା ପରଠାରୁ ୫୦ କୋଟି ୭୩ ଲକ୍ଷରୁ ଊର୍ଦ୍ଧ୍ୱ ଗଣନାକାରୀ ଫର୍ମ ଭୋଟରମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । ଏହି ପର୍ଯ୍ୟାୟରେ ୫୧ କୋଟି ଭୋଟରଙ୍କ ମଧ୍ୟ ୯୯ ଦଶମିକ୍ ୫/୩ ପ୍ରତିଶତ ଭୋଟରମାନଙ୍କୁ ଗଣନା କରାଯିବାର ଲକ୍ଷ୍ୟ ରଖାଯାଇଛି । ଏପର୍ଯ୍ୟନ୍ତ ପ୍ରାୟ ୪୦ କୋଟି ଫର୍ମକୁ ଡିଜିଟାଇଜ୍ କରାଯାଇଥିବା ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି ।

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ଦ୍ୱିତୀୟ ପର୍ଯ୍ୟାୟ ୯ଟି ରାଜ୍ୟ ଏବଂ ତିନୋଟି କେନ୍ଦ୍ରଶାସିତ ଅଞ୍ଚଳରେ ଚଳିତ ମାସ ୪ ତାରିଖରେ ଆରମ୍ଭ କରାଯାଇଥିଲା । ଏହି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ରହିଛି, ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ରାଜସ୍ଥାନ, ତାମିଲନାଡ୍ଡୁ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ପୁଡୁଚେରୀ, ଲାକ୍ଷାଦ୍ୱୀପ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ । ଆସନ୍ତା ବର୍ଷ ଫେବୃୟାରୀ ୭ ତାରିଖ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପନ୍ନ କରାଯିବ ।

# ସାଉଥ୍ ଇଷ୍ଟ ଏସିଆ-ଫ୍ଲଡସ୍, ଲାଣ୍ଡସ୍ଲାଇଡ୍

ଦକ୍ଷିଣ ପୂର୍ବ ଏସିଆରେ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ମୃତ୍ୟୁ ସଂଖ୍ୟା ୩୫୦ରେ ପହଞ୍ଚିଛି । ପ୍ରଭାବିତ ଇଣ୍ଡୋନେସିଆ, ଥାଇଲାଣ୍ଡ ଏବଂ ମାଲେସିଆରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏହି ତିନୋଟି ଦେଶରେ ପ୍ରବଳ ମୌସୁମୀ ବର୍ଷା କାରଣରୁ  ବହୁ ସଂଖ୍ୟାରେ ଲୋକ ପ୍ରଭାବିତ ହୋଇଛନ୍ତି । ଆଉ କେତେକ ଲୋକ ବନ୍ୟା ଘେରରେ ଅଟକ ରହିଥିବା କାରଣରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଇଣ୍ଡୋନେସିଆ ବିପର୍ଯ୍ୟୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି, ଦଶରେ ବନ୍ୟା ଜନିତ ମୃତ୍ୟୁ ସଂଖ୍ୟା ୨୦୦ରୁ ଊର୍ଦ୍ଧ୍ୱ ହୋଇଛି । ସୁମାତ୍ରା ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ସୂଚନା ଦିଆଯାଇଛି । ସେଠାରେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଥିବା ଜଣାଯାଇଛି ।

ଥାଇଲାଣ୍ଡରେ ମଧ୍ୟ ମୃତ୍ୟୁ ସଂଖ୍ୟା ୧୬୨ରେ ପହଞ୍ଚିଛି । ଥାଇଲାଣ୍ଡର ସୋଙ୍ଖାଲା ପ୍ରଦେଶରେ ଜଳସ୍ତର ତିନି ମିଟରକୁ ବୃଦ୍ଧି ପାଇଛି । ଏହି ପ୍ରକାର ବନ୍ୟା ଗତ ଦଶନ୍ଧି ମଧ୍ୟରେ ଦେଶର ପ୍ରଥମ ବୋଲି ସୂଚନା ଦିଆଯାଇଛି ।

ସେହିପରି ମାଲେସିଆରେ ପ୍ରବଳ ବନ୍ୟା କାରଣରୁ ଦୁଇ ଜଣଙ୍କର ମୃତ୍ୟୁ ହେବା ସହ ପର୍ଲିସ୍‌ର ଉତ୍ତରାଞ୍ଚଳର ଅଧିକାଂଶ ଭାଗ ଜଳାର୍ଣ୍ଣବ ରହିଛି । ଏହି ସବୁ ଅଞ୍ଚଳରେ ଜୁନ୍ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ବାର୍ଷିକ ମୌସୁମୀ ଋତୁ ସାଧାରଣତଃ ହୋଇଥାଏ ।

# ସାଇକ୍ଲୋନ୍ ଦିତ୍ୱା

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ଦିତ୍ୱା ଏବେ ନାଗାପଟନମ୍ ଜିଲ୍ଲାର ୧୪୦ କିଲୋମିଟର ଦୂରରେ ଏବଂ କରେଇକାଲ୍‌ର ୧୭୦ କିଲୋମିଟର ଓ ଚେନ୍ନାଇଠାରୁ ୩୮୦ ଏବଂ ପୁଡୁଚେରୀଠାରୁ ୨୮୦ କିଲୋମିଟର ଦୂରରେ ରହିଛି । ଏହା କ୍ରମଶଃ ଉତ୍ତର ଦିଗରେ ଗତି କରି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଜି ମଧ୍ୟରାତ୍ରରେ ତାମିଲନାଡୁ ଉପକୂଳରୁ ପ୍ରାୟ ୬୦ କିଲୋମିଟର ଦୂରରେ କେନ୍ଦ୍ରଭୂତ ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ପୁଡୁଚେରୀ ଏବଂ କରେଇକାଲ୍ ଉପକୂଳ ଅଞ୍ଚଳରେ ବାତ୍ୟା ଦିତ୍ୱା ପ୍ରଭାବରେ ପ୍ରବଳ ବର୍ଷା ଲାଗି ରହିବା ସହ ସମୁଦ୍ର ଅଶାନ୍ତ ରହିଛି । ସମୁଦ୍ରରେ ଜୁଆର ୧୦ ଫୁଟ୍ ଉପରକୁ ଉଠୁଥିବା ଦେଖାଯାଇଛି । ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବା ଲାଗି ଏବଂ ସେମାନଙ୍କର ଡଙ୍ଗା ଏବଂ ଜାଲ ଗୁଡ଼ିକୁ ସୁରକ୍ଷିତ ଭାବେ ରଖିବାଲାଗି ପରାମର୍ଶ ଦିଆଯାଇଛି ।

ପୁଡୁଚେରୀ ଯୋଗାଣ ବିଭାଗ ମନ୍ତ୍ରୀ ପି.ଆର୍.ଏନ୍. ଥିରୁମୁରୁଗାନ୍ ଏବଂ ଜିଲ୍ଲାପାଳ ପରିସ୍ଥିତିର ଅନୁଧ୍ୟାନ କରିବା ସହ ଆସନ୍ନ ବିପର୍ଯ୍ୟୟ ଲାଗି ପ୍ରସ୍ତୁତ ରହିଛନ୍ତି ।

## ବିଏସ୍ଏଫ୍-ଜୁବ୍ଲି

ଜାମ୍ମୁ କାଶ୍ମୀରର ବି.ଏସ୍.ଏଫ୍. ଜାମ୍ମୁ ଫ୍ରଣ୍ଟିୟର୍‌ର ଆଇ.ଜି. ଶଶାଙ୍କ ଆନନ୍ଦ ଜାମ୍ମୁ ଶିବିରର ପାଲୋରା ଠାରେ ସୀମା ସୁରକ୍ଷା ବାହିନୀ ଗଠନର ୬୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇଛନ୍ତି । ଶ୍ରୀ ଆନନ୍ଦ ସୀମା ସୁରକ୍ଷା ଦିଗରେ ବି.ଏସ୍.ଏଫ୍. ଯବାନମାନଙ୍କର ଉଲ୍ଲେଖନୀୟ ଅବଦାନ, ସନ୍ତ୍ରାସବାଦ ନିରୋଧି କାର୍ଯ୍ୟକଳାପ, ପହଲଗାମ୍ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର ସମୟରେ ଯବାନମାନଙ୍କର ମହତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସୀମାନ୍ତରେ ଶାନ୍ତି, ସୁରକ୍ଷା ଏବଂ ସତର୍କତା ମୂଳକ ପଦକ୍ଷେପ ବଜାୟ ରଖିବା ଲାଗି ଯବାନମାନେ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ଆନନ୍ଦ କହିଛନ୍ତି ।

## ମୁଷ୍ଟଆନାଉନ୍ସମେଣ୍ଟ

ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତା ସୋମବାର ଠାରୁ ଆରମ୍ଭ ହେବ । ଅଧିବେଶନର ଅବ୍ୟବହିତ ପୂର୍ବରୁ ଆକାଶବାଣୀ ନ୍ୟୁଜ୍ ସର୍ଭିସ୍ ଡିଭିଜନ୍ ପକ୍ଷରୁ **'ISSUES-BEFORE-PARLIAMENT' and 'SANSAD-KE-SAMAKSH-MUDDE'** ପକ୍ଷରୁ ପ୍ରଚାର କରାଯିବ । ଆସନ୍ତାକାଲି ରାତି ୯ଟା ୩୦ରୁ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ **ISSUES-BEFORE-PARLIAMENT** କାର୍ଯ୍ୟକ୍ରମ ଆକାଶବାଣୀର ରେନ୍‌ବୋ ଏବଂ ସଂସଦ୍ କେ ସାମୁଖ୍ୟ ମୁଦେ, ଆକାଶବାଣୀ ଗୋଲ୍ଡ ଏବଂ ଅତିରିକ୍ତ ଫ୍ରିକ୍ୟୁଏନ୍ସି ଯୋଗେ ଶୁଣାଯାଇ ପାରିବ । ଏହି କାର୍ଯ୍ୟକ୍ରମ ମଧ୍ୟ **newsonair.gov.in** ର ୱେବ୍‌ସାଇଟ୍ ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ **newsonair official** ରେ ଉପଲବ୍ଧ ହେବ ।

## ରୁଷ-ୟୁକ୍ରେନ୍ ୱାର୍

ୟୁକ୍ରେନ୍‌ର ରାଜଧାନୀ ସହର କିଭ୍ ଉପରେ ଗତକାଲି ରୁଷର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣରେ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୯ ଜଣ ଆହତ ହୋଇଛନ୍ତି । ସିଟି ମେୟର୍ ଭିଟାଲି କ୍ଲିଟ୍‌ସ୍କୋକ୍ କହିଛନ୍ତି, ଏହି ଆକ୍ରମଣ ଯୋଗୁଁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ଫଳରେ ୟୁକ୍ରେନ୍‌ର କିଭ୍ ଅଞ୍ଚଳର ୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଅନ୍ଧାରରେ ରହିଛନ୍ତି ।

ଫଳରେ ଆବାସୀକ ଅଞ୍ଚଳ ଏବଂ ଭିତ୍ତିଭୂମି ଅଞ୍ଚଳ ମଧ୍ୟ ପ୍ରଭାବିତ ହୋଇଛି । କ୍ରିମେନ୍ ପେନିସୁଲା, ରୁଷିଆ ଏବଂ ଆଜୋଭ୍ ସମୁଦ୍ର ଅଞ୍ଚଳରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣରେ ବହୁ କ୍ଷୟକ୍ଷତି ହୋଇଥିବା ରୁଷ ପକ୍ଷରୁ ଦାବି କରାଯାଇଛି ।

## ପ୍ରେଜ୍- ବ୍ଲାଇଣ୍ଡ ଓ୍ୱିମ୍ୟାନ୍ ଟି-ଟ୍ୱେଣ୍ଟି

ପ୍ରଥମଥର ଲାଗି ଟି-ଟ୍ୱେଣ୍ଟି ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟରେ ବିଜୟ ହାସଲ କରିଥିବା ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଦଳ ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ମହିଳା କ୍ରିକେଟ୍ ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଅଟୋଗ୍ରାଫ୍ କ୍ରିକେଟ୍ ବ୍ୟାଟ୍ ପ୍ରଦାନ କରାଯାଇଛି । ରାଷ୍ଟ୍ରପତି ମଧ୍ୟ ଦଳର ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ସେମାନଙ୍କର ଏହି ସଫଳତା ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବା ସହ ଆଗାମୀ ଦିନରେ ନୂତନ ଶିଖରରେ ପହଞ୍ଚିବା ଲାଗି ପ୍ରେରଣା ଯୋଗାଇବ । ରାଷ୍ଟ୍ରପତି ମଧ୍ୟ ଦଳ ଦ୍ୱାରା ପ୍ରଦାନ କରାଯାଇଥିବା କ୍ରିକେଟ୍ ବଲ୍ ଉପରେ ସ୍ୱାକ୍ଷର କରିଥିଲେ ।

# ହକି

ମାଲେସିଆର ଇପୋଠାରେ ଅନୁଷ୍ଠିତ ସୁଲତାନ୍ ଅଜଲାନ୍ ଶାହା ହକି ଟୁର୍ଣ୍ଣାମେଣ୍ଟରେ ଭାରତ ୧୪-୩ ଗୋଲ୍‌ରେ କାନାଡ଼ାକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି । ଭାରତ ପକ୍ଷରୁ ଯୁଗରାଜ ସିଂହ ସର୍ବାଧିକ ୪ଟି ଗୋଲ୍ ଦେଇଥିବା ବେଳେ ରାଜୀନ୍ଦର ସିଂହ ୨ଟି ଗୋଲ୍ ଦେଇଛନ୍ତି । ଅମିତ ରୋହିଦାସ, ଦିଲ୍‌ପ୍ରୀତ ସିଂହ, ସେଲଭମ୍ କାର୍ତ୍ତୀ, ସଞ୍ଜୟ ଓ ଅଭିଶେକ ମଧ୍ୟ କାନାଡ଼ା ବିରୁଦ୍ଧରେ ଗୋଲ୍ ଦେଇଛନ୍ତି ।